## ରୋଗୀଙ୍କ ପାଇଁ ଲାଗିଲା ଆକ୍ୱାଗାର୍ଡ

କୁଳିଅଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେନ୍ଦ୍ର ମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ଅନୁଦାନ ପାଣ୍ଠିରୁ ରୋଗୀଙ୍କ ପାଇଁ ଆକ୍ୱାଗାର୍ଡ ଲାଗିଛି। ଏହାକୁ କୁଳିଅଣା ବ୍ଲକ ଏମ୍‌ପି ପ୍ରତିନିଧି ବିଶ୍ୱନାଥ ବସା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡା.ବୈଜୟନ୍ତୀ ସିଂ, ଡା.ପ୍ରତୀକ ନାୟକ, ଦେବୀ ଅର୍ଚ୍ଚନା ମହାପାତ୍ର, ଆଶା କର୍ମୀ ଓ ଡାକ୍ତରଖାନା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ରାଇରଙ୍ଗପୁର,୩।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ଶୁଣ୍ଢେଳ ଗ୍ରାମ ହିଡେଇ ସାହିରେ ବୁଧବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ରାଣୀପାଳ ଗ୍ରାମର ସିଦ୍ଧ ମାରାଣ୍ଡିଙ୍କ ସ୍ତ୍ରୀ ବବିତା(୧୮)। ସେ ତାଙ୍କ ବାପ ଘର ଶୁଣ୍ଢେଳ ଗ୍ରାମରେ ରହୁଥିଲେ। ବାପ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ ହୋଇଛି।

### ବରପଦା ଇଞ୍ଜିନିୟରିଂ କଲେଜରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି

ଭଦ୍ରକ ଅଫିସ, ୩।୫-ଭଦ୍ରକ ଜିଲାର ପୁରାତନ ବୈଷୟିକ ଶିକ୍ଷାନୁଷ୍ଠାନ ବରପଦା ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଏଠାରେ ନିଯୁକ୍ତି ପାଇଁ ୬ ପଞ୍ଚାୟତର ସରପଞ୍ଚ କଲେଜ ପରିଚାଳନା କମିଟିକୁ ପରାମର୍ଶ ଦେଇଛନ୍ତି। ଭଦ୍ରକ ବ୍ଲକ ଅଧୀନ ରାନ୍ଦିଆ ସରପଞ୍ଚ ସ୍ୱପ୍ନାରାଣୀ ରାଉତରାୟ, ଦେସିଂ ସରପଞ୍ଚ ସୁଚିସ୍ମିତା ଜେନା, କାଉପୁର ସରପଞ୍ଚ ସୁଚିସ୍ମିତା ସାହୁ, ବନ୍ତ ବ୍ଲକର ଗଣିଜାଙ୍ଗ ସରପଞ୍ଚ ରଶ୍ମିତା ସେଠୀ, ରାମପୁର ସରପଞ୍ଚ ଗିରିଧାରୀ ସାହୁ ଓ ରାମକୃଷ୍ଣପୁର ସରପଞ୍ଚ ହରେନ୍ଦ୍ର ଖିଲାର ସେମାନଙ୍କ ଦାବିପତ୍ରରେ ବରପଦା ଇଞ୍ଜିନିୟରିଂ କଲେଜର ବିଭିନ୍ନ ବୈଷୟିକ ବିଭାଗରୁ ଉଚ୍ଚଶିକ୍ଷା ଲାଭ କରିଥିବା ଭଦ୍ରକ ଜିଲାର ଉଚ୍ଚଶିକ୍ଷିତ ଯୁବତୀ ଯୁବକଙ୍କୁ ଏହି କଲେଜରେ ନିଯୁକ୍ତି ଦିଆଯାଉ ବୋଲି ଦର୍ଶାଇଛନ୍ତି। ଏଥିସହ ଦାବିପତ୍ରର ନକଲ ୫-ଟି ସଚିବ, ଭଦ୍ରକ ଓ ଭଣ୍ଡାରିପୋଖରୀ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ, ଭଦ୍ରକ ବ୍ଲକ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। କର୍ମଚାରୀ ଓ ପରିଚାଳନା କମିଟିର ବିବାଦ ନେଇ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ କେତେଜଣ କର୍ମଚାରୀ ଶିକ୍ଷାନୁଷ୍ଠାନକୁ ବଦ୍‌ନାମ କରିବା ପାଇଁ ବାରମ୍ବାର ମିଥ୍ୟା ଆରୋପ ଲଗାଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି
#### ନାବାଳିକା ଅପହରଣ ମାମଲା

ପଦ୍ମପୁର, ୩।୫(ଡି.ଏନ.ଏ.)- ଭଦ୍ରକ ସଦର ବ୍ଲକ ଅଧୀନ ବାରିକପୁର କଲେଜରେ ଯୁକ୍ତ ୨ ପଢୁଥିବା ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଗତ ମାର୍ଚ୍ଚ ମାସରେ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଥାନାରେ ଏକ ଅପହରଣ ମାମଲା (ନଂ.୧୩୬/୨୩) ରୁଜୁ କରିଛି। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ନାବାଳିକାଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଗତ କିଛି ଦିନ ତଳେ ନାବାଳିକା ଜଣକ ଏକ ଫୋନରୁ ଘରକୁ ଫୋନ କରି ତାଙ୍କ ଜୀବନ ପ୍ରତି ବିପଦ ଥିବା କହିବା ସହ ଉଦ୍ଧାର ପାଇଁ ନିବେଦନ କରିଥିବା ପରିବାର ଲୋକେ କହିଛନ୍ତି। ପୋଲିସର ନିଷ୍କ୍ରିୟତା ଅଭିଯୋଗରେ ନାବାଳିକାଙ୍କ ବାପା ଭଦ୍ରକ ଜିଲା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିବା ସହ ତାଙ୍କ ଝିଅଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପରିବାର ସହ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବେ ବୋଲି କହିଛନ୍ତି।

# ବିଦ୍ୟାଳୟ ନିକଟରେ ହଟ୍ ମିକ୍ସ ପ୍ଲାଣ୍ଟ

## ବିନା ଅନୁମତିରେ ଚାଲିଥିବା ଅଭିଯୋଗ

କେନ୍ଦୁଝର,୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ତହସିଲ ସାହାରପୁର ପଞ୍ଚାୟତ ଅନ୍ତର୍ଗତ ପଦାକସଡ଼ା ଗ୍ରାମ ବିଦ୍ୟାଳୟ ନିକଟରେ ହଟ୍ ମିକ୍ସ ପ୍ଲାଣ୍ଟ ଚାଲିଛି। ପ୍ଲାଣ୍ଟରୁ ନିର୍ଗତ କଳାଧୂଆଁ ବାୟୁ ମଣ୍ଡଳକୁ ଦୂଷିତ କରୁଥିବା ବେଳେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟହାନି ହେଉଛି। କାରଖାନା ବସାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନଠାରୁ ଅନୁମତି ନିଆଯିବା କଥା। ମାତ୍ର କାରଖାନା ବିନା ଅନୁମତିରେ ଚାଲିଥିବା ଅଭିଯୋଗ ହେଉଥିବା ବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଓ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଂଶପାଳ-କୁଅଁର ରାସ୍ତାର ପଦାକସଡ଼ାରେ ଦିନ ରାତି ଏହି କାରଖାନା ଚାଲିଥିବାରୁ ନିକଟସ୍ଥ କରଙ୍ଗାଡିହି, ପଦାକସଡ଼ା ଓ ଅଣସୁଆଁ ଅଞ୍ଚଳରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପିତୁ ପ୍ଲାଣ୍ଟର ୫୦୦ ମିଟର ମଧ୍ୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ କରଙ୍ଗାଡ଼ିହି ଆଶ୍ରମ ସ୍କୁଲ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ପଞ୍ଚାୟତ ଭୂୟାଁ ଉଚ୍ଚ ବିଦ୍ୟାଳୟ ରହିଥିଲେ ହେଁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚାରଣଭୂମି ଅଞ୍ଚଳରେ କଳାଗୁଣ୍ଡ ଘାସ ଲତା ଉପରେ ପଡୁଥିବାରୁ ଏହାକୁ ଖାଇ ଗୋରୁ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାବ୍ୟତୀତ ଲୋକମାନେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ହଟ୍ ମିକ୍ସ ପ୍ଲାଣ୍ଟ ପରିସରରେ ବହୁ ପରିମାଣର ପଥର ଗୁଣ୍ଡ ଜମା ହୋଇ ରହିଛି। ପଥର ଗୁଣ୍ଡ କେଉଁଠୁ ଆସିଲା ତାହାର ଯାଞ୍ଚ ରାଜସ୍ୱ ବିଭାଗ ଏବଂ ଖଣି ବିଭାଗ କରିବାକୁ ଦାବି ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ଅଛି କି ନାହିଁ ଯାଞ୍ଚ କରାଯାଇ ପରିବେଶ ସୁରକ୍ଷା ଆଇନ ୧୯୮୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ବିଧାୟକ ଦାବି କରିଛନ୍ତି। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ପ୍ଲାଣ୍ଟ କିଏ କରିଛି ଏବଂ ଅନୁମତି ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ଏହାର ଯାଞ୍ଚ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ତହସିଲକୁ କୁହାଯାଇଛି। ଯାଞ୍ଚ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତିହିଡ଼ି,୩।୫(ଡି.ଏନ.ଏ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ରାଜନଗର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସରପଞ୍ଚ ଗୌରୀମଣି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ପୂର୍ବତନ ସମିତିସଭ୍ୟ ଶ୍ରୀଧର ନାୟକଙ୍କ ସଞ୍ଚାଳନରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ମୁଖ୍ୟ ବକ୍ତାଭାବେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ରବିନାରାୟଣ ନାୟକ ଯୋଗଦେଇ ନିର୍ବାହୀ ଅଧିକାରୀ ସମସ୍ତ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ତାଙ୍କର ସମସ୍ତ କାର୍ଯ୍ୟ ଶୃଙ୍ଖଳାଗତ ଭାବେ କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ସ୍ତମ୍ଭକାର ମୁକ୍ତିକାନ୍ତ ନାୟକ, ସମିତିସଭ୍ୟ ଦେବେନ୍ଦ୍ର ମହାଲିକ, ପୂର୍ବତନ ସରପଞ୍ଚ ସନାତନ ବାରିକ, ସୁବାସ ସେଠୀ, ଜାମଯୋଡ଼ି ସମିତିସଭ୍ୟାଙ୍କ ପ୍ରତିନିଧି ଅଜୟ ରାଉତ, ସାମାଜିକକର୍ମୀ ଜଗବନ୍ଧୁ ଧନୀ ଯୋଗଦେଇଥିଲେ। ଏହି ଅବସରରେ ବିଦାୟୀ ନିର୍ବାହୀ ଅଧିକାରୀ ପଞ୍ଚାୟତର ବରିଷ୍ଠ ମହିଳାମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବାଥୁଡ଼ି ସାଂସ୍କୃତିକ ସମାଜର ବୈଠକ



ବାଥୁଡ଼ି ସମ୍ପ୍ରଦାୟର ସଦସ୍ୟ ଓ ଅତିଥିମାନେ।

ଘଟଗାଁ,୩।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ତାରିଣୀପୀଠରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ବାଥୁଡ଼ି ସାଂସ୍କୃତିକ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମାଜିକ କର୍ମୀ ତଥା ବାଥୁଡ଼ି ସାଂସ୍କୃତିକ ସମାଜର ନେତା ଅଖୀଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ସମ୍ମାନିତ ଅତିଥିଭାବେ ଦିବାକର ପରହାଟ, ନବକିଶୋର ବିଶ୍ୱାଳ ଯୋଗଦେଇଥିଲେ। ବାଥୁଡ଼ି ସାଂସ୍କୃତିକ ସମାଜର ବରିଷ୍ଠ ସଦସ୍ୟ ତଥା ଘଟଗାଁ ବ୍ଲକ୍‌ର ପୂର୍ବତନ ଚେୟାରମ୍ୟାନ ଦେବେନ୍ଦ୍ର ନାଏକ ଅତିଥି ପରିଚୟ ଓ ମକରଧ୍ୱଜ ନାଏକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅଠର ଦେଉଳ ବିଷୟ, ଜାତିର ବିଭିନ୍ନ ସମସ୍ୟା, ସଂଗଠନକୁ ଅଧିକ କ୍ରିୟାଶୀଳ ଓ ବ୍ୟାପକ କରିବା ସହ ତୃଣମୂଳ ସ୍ତରରେ ଏହାର ସୁଦୃଢ଼ିକରଣ କିପରି ହେବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସମାଜର ସବୁବର୍ଗର ଲୋକଙ୍କୁ ଉନ୍ନତ ଶିକ୍ଷାଦାନ ସହ ସଂସ୍କୃତିର ରକ୍ଷା ନିମନ୍ତେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରାଯାଇଥିଲା। ବୈଠକରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କରୁଣାକର ନାଏକ, ନାରାୟଣ ନାଏକ, ଉମାକାନ୍ତ ନାଏକ, ଯୋଗେଶ୍ୱର ନାଏକ, ଧ୍ରେନ ନାଏକ, ଅଜୟ ନାଏକ, ଅଭିମନ୍ୟୁ ନାଏକ, ବସନ୍ତ ନାଏକ, ଦେବେନ୍ଦ୍ର ନାଏକ, ଅଖୀଳ ଚନ୍ଦ୍ର ନାଏକ, କେଶବ ଚନ୍ଦ୍ର ନାଏକ, ସନାତନ ନାଏକ, ପ୍ରିୟରଞ୍ଜନ ନାଏକ, ଗତିକୃଷ୍ଣ ନାଏକ, ମକରଧ୍ୱଜ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

## ଦାବି ପୂରଣ ନ ହେଲେ ୧୬ରୁ ଆମରଣ ଅନଶନ

### ଚେତାବନୀ ଦେଲା ଲକ୍ଷ୍ମଣନାଥ ରେଳ ଡେଭେଲପମେଣ୍ଟ କମିଟି

ଜଳେଶ୍ୱର, ୩।୫(ଡି.ଏନ.ଏ.)

ଦକ୍ଷିଣପୂର୍ବ ରେଳପଥର ଖଡଗପୁର ରେଳ ଡିଭିଜନ ଅଧୀନ ଉପାନ୍ତ ଲକ୍ଷ୍ମଣନାଥ ରେଳ ଷ୍ଟେଶନରେ ୨ଦଫା ଦାବି ନେଇ ବୁଧବାର ଲକ୍ଷ୍ମଣନାଥ ରେଳ ଡେଭେଲପମେଣ୍ଟ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମଣନାଥ ଷ୍ଟେଶନ ଉପରେ ୧୩ ପଞ୍ଚାୟତର ଲୋକେ ନିର୍ଭର କରୁଥିବାରୁ ଏବଂ ଏହି ଷ୍ଟେଶନରୁ କଟକ, ଭୁବନେଶ୍ୱର, ପୁରୀ ଯିବା ଲାଗି କୌଣସି ଟ୍ରେନ୍ ଅଟକୁ ନ ଥିବାରୁ ଜଳେଶ୍ୱର-ପୁରୀ ମେମୋ ସ୍ପେଶାଲ ଟ୍ରେନ୍‌କୁ ଲକ୍ଷ୍ମଣନାଥ ଷ୍ଟେଶନ ଯାଏ ଚଳାଚଳ କରାଇବା ଦାବି ହୋଇଛି। ଷ୍ଟେଶନର ପୂର୍ବପଟେ ୨ଟି ପଞ୍ଚାୟତର ଲୋକମାନେ ପ୍ଲାଟଫର୍ମକୁ ଆସିବା ଲାଗି କୌଣସି ରାସ୍ତା ନ ଥିବାରୁ ୪ନଂ. ପ୍ଲାଟଫର୍ମରୁ ଫୁଟ ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି ଜଣାଇଛନ୍ତି । ଏହି ଦାବି ପୂରଣ ଲାଗି ୧୬ ତାରିଖରୁ ଆମରଣ ଅନଶନ ହେବ ବୋଲି ବୈଠକରେ କୁହାଯାଇଛି । ଏହି ଖବରଦାତା ସମ୍ମିଳନୀରେ କମିଟି ସଭାପତି ବୁଦ୍ଧେଶ୍ୱର ପ୍ରଧାନ, ସମ୍ପାଦକ ସଞ୍ଜୟ ଦାସ, ତ୍ରିଲୋଚନ ଦାସଅଧିକାରୀ, ବିନୟ କୁମାର ଜେନା, ସୁଦାମ ଚରଣ ପାତ୍ର, ରାଜୀବ ପରିଡା, ସରପଞ୍ଚ ରାଜେଶ ଜେନା, ଲକ୍ଷ୍ମୀଧର ଗିରି, ରବୀନ୍ଦ୍ର ବାରିକ, ଚନ୍ଦନ କର, ରବୀନ୍ଦ୍ର ନାଥ ଦାସ, ଈଶ୍ୱର ଚନ୍ଦ୍ର ପାତ୍ର, ପ୍ରଣବ ପଣ୍ଡା, ଯୋଗେଶ ଚନ୍ଦ୍ର ଜେନା, ନିଶିକାନ୍ତ ଦାସ ଓ ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ୫ରେ ଏମ୍‌ପି ଅପରାଜିତାଙ୍କ ନୀଳଗିରି ଗସ୍ତ

ନୀଳଗିରି, ୩।୫(ସ୍ୱ.ପ୍ର.)

ଚଳିତବର୍ଷ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଆସନ୍ତା ମେ' ୫ରୁ ୭ତାରିଖ ୩ଦିନ ଧରି ମହାଆଡ଼ମ୍ବରରେ ପାଳନ ହେବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକସଭା ଏମ୍‌ପି ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ନୀଳଗିରି ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବକୁ ଆସୁଥିବା ବେଳେ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତିଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୀଳଗିରି ଗସ୍ତକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସବୁଜ ସଙ୍କେତ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଶ୍ରୀତମ ଦାସ, ଅଂଶୁମୋଚନ ମହାନ୍ତି ଉପସ୍ଥିତ ରହିବେ ବୋଲି କମିଟିର ଆବାହକ ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି।

## ରାତିରେ ଜବତ, ସକାଳୁ ଉଭାନ

### ଗୋପାଳପୁର ଅବକାରୀ ଥାନା

ବାହାନଗା,୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ନୂତନ କରି ସ୍ଥାପନ ହୋଇଥିବା ଅବକାରୀ ଥାନା ପୋଲିସ୍ ମଙ୍ଗଳବାର ବିଳମ୍ବିତ ରାତିରେ ଦେଶୀ ମଦ ସହିତ ଏକ ବାଇକ୍‌କୁ ଜବତ କରି ଥାନା ପରିସରରେ ରଖିଥିଲେ। ମାତ୍ର ରାତି ପାହିବା ବେଳକୁ ଜବତ ଦେଶୀମଦ ଓ ବାଇକ୍ ଉଭାନ ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅବକାରୀ ବିଭାଗର କାମଖିଆଲି ନୀତି ପାଇଁ ଭୋର ସମୟରେ ମଦବେପାରୀମାନେ ଜବତ ଦେଶୀ ମଦ ସହିତ ଗାଡିକୁ ଥାନା ପରିସରରୁ ନେଇଯିବାରେ ସକ୍ଷମ ହୋଇପାରିଛନ୍ତି।

ଗତ ମଙ୍ଗଳବାର ରାତିରେ ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ରସୁନ୍ଦର ମଲ୍ଲିକ ଗୋପାଳପୁର ଗ୍ରାମ ମଧ୍ୟରେ ବାଇକ୍ ଯୋଗେ ଯାଉଥିବା ଚୋରା ଦେଶୀ ମଦ ଗାଡିକୁ ଅଟକାଇଥିଲେ । ତେବେ ମଦ ଗାଡି ନେଇ ଯାଉଥିବା ଯୁବକଜଣକ ଗାଡି ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରି ଫେରାର ହୋଇଯାଇଥିଲେ। ତେବେ ଅବକାରୀ ଅଧିକାରୀ ଓ ତାଙ୍କ କର୍ମଚାରୀମାନେ ଜବତ ଦେଶୀମଦ ସହିତ ଗାଡିକୁ ସେଠାରୁ ଆଣି ଥାନା ବାରଣ୍ଡାରେ ରଖି ଶୋଇପଡିଥିଲେ। ଏହାର ସୁଯୋଗ ନେଇ ମଦବେପାରୀମାନେ ଅବକାରୀ ଥାନାକୁ ଆସି ଜବତ ମଦ ସହିତ ଗାଡିକୁ ନେଇ ପଳାଇବାରେ ସକ୍ଷମ ହୋଇଥିଲେ । ତେବେ ୬ ଜଣ ଯୁବକ ଆସି ଗାଡି ଓ ଜବତ ମଦକୁ ଭଙ୍ଗା ପାଚେରି ଦେଇ ନେଇପଳାଇ ଯାଉଥିବା ସିସି କ୍ୟାମେରାରୁ ଜଣାପଡିଛି। ଏ ସମ୍ପର୍କରେ ଅବକାରୀ ଥାନା ଅଧିକାରୀ ମଲ୍ଲିକ କହିଛନ୍ତି, ଏ ସମ୍ପର୍କରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। କର୍ମଚାରୀମାନେ ରାତି ସାରା ଡ୍ୟୁଟି କରିବା ପରେ ଭୋର ସମୟରେ ସେମାନଙ୍କର ଆଖି ଲାଗି ଯାଇଥିବାରୁ ମଦ ବେପାରୀମାନେ ଏହାର ସୁଯୋଗ ନେଇ ଜବତ ମଦ ଓ ଗାଡି ନେଇଯାଇଛନ୍ତି।

## କାର୍ଯ୍ୟାଳୟ ଆସୁନାହାନ୍ତି ନୂତନ ସମ୍ପାଦକ

■ମାଳଦା ସମବାୟ ସମିତି
■୧୫ ଦିନ ହେଲା କାର୍ଯ୍ୟବନ୍ଦ

ଭଣ୍ଡାରିପୋଖରୀ,୩।୫(ସ୍ୱ.ପ୍ର.)

ଚାଷୀମାନଙ୍କୁ ଋଣ ପ୍ରଦାନ ହେଉ କିମ୍ବା ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଆର୍ଥିକ ସହାୟତା, ସବୁଥିରେ ପ୍ରାଥମିକ କୃଷି ସମବାୟ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଗ୍ରାମାଞ୍ଚଳରେ ଆର୍ଥିକ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏବେ ସମବାୟ ସମିତି ଉପରେ ଗୁରୁତ୍ୱ ଦେଉଛନ୍ତି। ପରିତାପର ବିଷୟ ଏବେ କେତେକ ସମିତିର ପରିଚାଳନାଗତ ତ୍ରୁଟି ଏବଂ ବିଭାଗୀୟ କର୍ମଚାରୀଙ୍କ ଅପାରଗତା ଯୋଗୁ ସମବାୟ ସମିତି ଏବେ ସ୍ଥାଣୁ ପାଲଟିଯାଇଛି। ଏହିପରି ଭାବେ ମାଳଦା ସମବାୟ ସମିତିକୁ ନୂତନ ସମ୍ପାଦକ ୧୫ ଦିନ ହେବ ନ ଆସିବା କାରଣରୁ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନ ମାଳଦା ପ୍ରାଥମିକ ସେବା ସମବାୟ ସମିତି କିଛିଦିନ ହେବ ଅଚଳାବସ୍ଥା ମଧ୍ୟରେ ଗତି କରୁଛି। ବିଭାଗୀୟ କାର୍ଯ୍ୟରେ ବାରମ୍ବାର ଅବହେଳା ଅଭିଯୋଗ ପରେ ଗତ ଏପ୍ରିଲ ୧୧ରେ ମାଳଦା ସମିତି ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ରଙ୍କୁ ଉପରିସ୍ଥ ଅଧିକାରୀ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ନୂତନ ସମ୍ପାଦକ ଭାବେ ୧୨ ଏପ୍ରିଲରେ ବିରଞ୍ଚିନାରାୟଣ ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ନୂତନ ସମ୍ପାଦକ ଜଣକ ଆଜି ଯାଏଁ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଖରିଫ ଋଣ ପ୍ରଦାନ ପାଇଁ ଉପଯୁକ୍ତ ସମୟ ହୋଇଥିବାରୁ ଚାଷୀମାନେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିଚାଳନା କମିଟି ସଭାପତି ମୁକୁନ୍ଦ ଚନ୍ଦ୍ର ମଲ୍ଲିକ, ସଭ୍ୟ କମଳାକାନ୍ତ ସାମଲ, ପ୍ରଦୀପ ବଳ, ମହେନ୍ଦ୍ର ନାୟକ, ବିଦ୍ୟାଧର ଜେନା, ନରେନ୍ଦ୍ର ମହାନ୍ତି, ଯୁବନେତା ପ୍ରତ୍ୟୁଷ ସାମଲ ପ୍ରମୁଖ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁଙ୍କୁ ସାକ୍ଷାତକରି ଏ ବିଷୟରେ ଆଲୋଚନା କରିଛନ୍ତି। ପୂର୍ବଭଳି ମାଳଦା ସମିତିର କାର୍ଯ୍ୟଧାରାକୁ ଫେରାଇ ଆଣିବା ପାଇଁ ପରିଚାଳନା ପରିଷଦ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ବୋଲି କହିଥିଲେ। ନୂତନ ସମ୍ପାଦକଙ୍କୁ ଏ ବିଷୟରେ ପଚାରିବାରୁ ତାଙ୍କୁ ଦାୟିତ୍ୱ ଦିଆଯାଇନାହିଁ ବୋଲି ସେ କହିଛନ୍ତି।

## ଦୁର୍ଘଟଣା ଘଟାଇ ଥିବା ଅଙ୍ଗୁର ଗାଡ଼ି ଡ୍ରାଇଭର ଗିରଫ

ପାଟଣା,୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥର କ୍ଷୀରେଇ ଟାଙ୍ଗିରି ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟାଇଥିବା ଅଙ୍ଗୁର ବୋଝେଇ ଟ୍ରକ ଡ୍ରାଇଭରକୁ ତୁରୁମୁଙ୍ଗା ପୋଲିସ ଗିରଫ କରିଛି। ଗିରଫ ଡ୍ରାଇଭରହେଲେ ପଶ୍ଚିମବଙ୍ଗ ରାଜ୍ୟ ବିରଭୂମ ଜିଲା ରାଜନଗର ଥାନା ଗାଙ୍ଗମୁରି ଗ୍ରାମର କ୍ରିଷ୍ଣା ମଣ୍ଡଲ(୩୭)। ସୂଚନାଯୋଗ୍ୟ, ମଙ୍ଗଳବାର ଭୋରରେ ରାଜପଥ କଡ଼ରେ ଟ୍ରେଲରକୁ ଛିଡ଼ା କରି ଟ୍ରେଲର ଅପରେଟର ଗୌତମ ଯାଦବ ଲାଇଟ ମରାମତି କରୁଥିଲେ। ଏହି ସମୟରେ ଅଙ୍ଗୁର ବୋଝେଇ ଟ୍ରକ୍ ଟ୍ରେଲରର ପଛ ପଟକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଅପରେଟରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ଅଙ୍ଗୁର ବୋଝେଇ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ (ନଂ. ୬୨/୨୩)ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ୪ ଅସହାୟ ପିଲା ଶିଶୁମଙ୍ଗଳ ବିଭାଗକୁ ହସ୍ତାନ୍ତର

କୁଳିଅଣା,୩।୫(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ପାତିହିଞ୍ଜା ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମର ୪ ଅସହାୟ ପିଲାଙ୍କୁ ସ୍ଥାନୀୟ ସରପଞ୍ଚ ଦୁଃଖିଆ ହେମ୍ବ୍ରମ ଓ ସମିତି ସଭ୍ୟ ବାବଲୁ ହାଁସଦା ବୁଧବାର ଶିଶୁମଙ୍ଗଳ ବିଭାଗକୁ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ଶ୍ରୀଚନ୍ଦନପୁର ଗ୍ରାମର ଡମାନ ସୋରେନ ଓ କୁନୁ ସୋରେନ ଦୁଇ ଭାଇ। ବାପା ନାରାନଙ୍କ ମୃତ୍ୟୁ ପରେ ମା' ସାଲମା ସେମାନଙ୍କୁ ବହୁ କଷ୍ଟରେ ଗାଁ ସ୍କୁଲରେ ପାଠ ପଢ଼ାଉଥିଲେ। ସେହିପରି ଏହି ଗାଁର ସଞ୍ଜୟ ହେମ୍ବ୍ରମଙ୍କ ମା'ଙ୍କ ମୃତ୍ୟୁ ପରେ ବାପା ବାର୍ସା ତାଙ୍କୁ ଏକାକି ଲାଳନପାଳନ କରିବା ସମ୍ଭବ ହେଉ ନ ଥିଲା। ଏହି ଗାଁର ଦାଶରଥୀ ଟୁଡୁଙ୍କ ବାପା ଓ ମା'ଙ୍କ ମୃତ୍ୟୁ ପରେ ତାଙ୍କ ପାଇଁ ଆହା ପଦେ କହିବାକୁ କେହି ନ ଥିଲେ। ଏହି ୪ ଅସହାୟ ପିଲାଙ୍କୁ ଉଦ୍ଧାର କରିବା ପାଇଁ ସରପଞ୍ଚ ଓ ସମିତିସଭ୍ୟ ଚାଇଲ୍ଡ ହେଲପ୍ ଲାଇନରେ ଯୋଗାଯୋଗ କରିଥିଲେ। ସିଡବ୍ଲୁସିର ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ଡମାନ, କୁନୁ, ସଞ୍ଜୟ ଓ ଦାଶରଥୀଙ୍କୁ ଉଦ୍ଧାର କରି ବାରିପଦାରେ ଥଇଥାନ କରିଥିବା ସୂଚନା ମିଳିଛି।

# ନିଜସ୍ୱ ଗୃହ ଥାଇ ଭଡ଼ା ଗଣୁଛି ଅବକାରୀ ବିଭାଗ




ଅର୍ଜ୍ଜୁନପୁର ଗ୍ରାମରେ ଅବକାରୀ ବିଭାଗ କାର୍ଯ୍ୟାଳୟର ନୂତନ ଗୃହ।

ଖଇରା, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଅଧୀନ ଅର୍ଜ୍ଜୁନପୁରସ୍ଥିତ ଅବକାରୀ ବିଭାଗର ନୂତନ କାର୍ଯ୍ୟାଳୟ ଗୃହ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ଅବକାରୀ ଅଫିସ ଭଡ଼ା ଘରେ ଚାଲୁଥିବା ବେଳେ ଭଡ଼ା ବାବଦରେ ମୋଟା ଅଙ୍କର ରାଜସ୍ୱ ଗଣାଯାଉଛି। ଉକ୍ତ ଭଡ଼ା ଘରେ ଗିରଫ ବ୍ୟକ୍ତି ଓ ସରଞ୍ଜାମ ରଖିବା ପାଇଁ ପର୍ଯ୍ୟାପ୍ତ ଜାଗା ନାହିଁ। ନୂତନ ଗୃହ ଶେଷ କରିବାର ଅବଧି ୧ବର୍ଷ ଥିବା ବେଳେ ଠିକାଦାର ଏହା ଶେଷ କରିବାକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ନେଇଥିବାରୁ ଅଯଥାରେ ରାଜସ୍ୱହାନି ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ କାର୍ଯ୍ୟାଳୟକୁ ଭଡ଼ା ଘରୁ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ପ୍ରଥମେ ଖଇରା ଅବକାରୀ ବିଭାଗ କାର୍ଯ୍ୟାଳୟ ପାଖାପାଖି ୨ବର୍ଷ ଧରି ସୋରରେ ଭଡାରେ ଚାଲିଥିଲା । ବହୁ ଦାବି ପରେ ଖଇରା ଅର୍ଜ୍ଜୁନପୁର ଛକ ନିକଟସ୍ଥ ଭଡ଼ା ଘରକୁ ସ୍ଥାନାନ୍ତର ହୋଇଥିଲା । ସେପଟେ ନୂତନ କାର୍ଯ୍ୟାଳୟ ପାଇଁ ପାଖାପାଖି ୮୬ଲକ୍ଷ ଟଙ୍କା ପ୍ରଦାନ କରାଯାଇ ୨ବର୍ଷ ତଳେ ଅର୍ଜ୍ଜୁନପୁର ପଡିଆଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବେପରୁଆ ଢଙ୍ଗରେ କାମ ଚାଲିବା କାରଣରୁ ୧ବର୍ଷ ବଦଳରେ ସରିବାକୁ ୨ବର୍ଷ ଲାଗିଥିଲା। ଏବର୍ଷ ପାଚେରି କାର୍ଯ୍ୟ ମଧ୍ୟ ପୂରା ହୋଇପାରିନାହିଁ । ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରିଣୀ କଳ୍ପନା ଯେନାଙ୍କୁ ଯୋଗାଯୋଗ କରାଯିବାରେ ନିକଟରେ ଠିକାଦାର ଚାବି ହସ୍ତାନ୍ତର କରିଛନ୍ତି । ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯିବାର ବ୍ୟବସ୍ଥା କରାଯାଉଛି।

# ବିପଦସଙ୍କୁଳ ଅବସ୍ଥାରେ ସୁନା ନଦୀ ପୋଲ

ଯୋଡ଼ା,୩।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ମଧ୍ୟ ଭାଗ ଦେଇ ଯାଇଥିବା ସୁନା ନଦୀ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫ୍ଲାଏ ଓଭର ରାସ୍ତା କାମ ଚାଲିଥିବାରୁ ଉକ୍ତ ପୋଲ ନିକଟରେ ମାଟି ଖୋଳି କାର୍ଯ୍ୟ କରାଯାଉଛି। ବର୍ଷା ଯୋଗୁ ପୋଲରୁ ମାଟି ଧସିଯାଇଛି। ଫ୍ଲାଏ ଓଭର ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ପୋଲର ଏକ ପାର୍ଶ୍ୱରେ ବାଲି ବୋଝେଇ ବସ୍ତା ଦ୍ୱାରା ସୁରକ୍ଷିତ ରଖିବାକୁ ଉଦ୍ୟମ କରାଯାଇଛି। ମାତ୍ର ଉକ୍ତ ରାସ୍ତା ଦେଇ ପ୍ରାୟ ୩୫ରୁ ୪୫ମେଟ୍ରିକ ଟନର ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ କେଉଁ ମୁହୂର୍ତ୍ତରେ ଦୁର୍ବଳ ପୋଲ ଟି ଭାଙ୍ଗି ଯିବାର ଆଶଙ୍କା ରହିଛି। ତେବେ ଏହି କାର୍ଯ୍ୟ



ବାଲି ବସ୍ତା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

କଲା ବେଳେ ଯାନବାହନ ଚଳାଚଳ ପାଇଁ ବିପଦପୂର୍ଣ୍ଣ ରହିଥିଲେ ହେଁ ଠିକା ସଂସ୍ଥା ପକ୍ଷରୁ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ଫ୍ଲାଏ ଓଭର ନିର୍ମାଣ କରୁଥିବା ଠିକା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଯେହେତୁ ଫ୍ଲାଏ ଓଭର ନିର୍ମାଣ ପାଇଁ ପୋଲ କାର୍ଯ୍ୟ କରାଯାଉଛି। ପୋଲର ଏକ ପାର୍ଶ୍ୱରେ ଖୋଳାଯାଇଥିବାରୁ ମାଟି ଧସିବାର ଯଥେଷ୍ଟ ଆଶଂକା ରହିଛି। ତେଣୁ ଲୁହା ରଡ ଓ ବାଲି ବୋଝେଇ ବସ୍ତା ଦ୍ୱାରା ଭାର ଦିଆଯାଇଛି। ଟ୍ରାଫିକ ସମସ୍ୟା ପାଇଁ ବ୍ୟବସ୍ଥା କରାଯିବ। ଏଥି ସହିତ ପୋଲଟି ବିପଦପୂର୍ଣ୍ଣ ରହିଥିବାରୁ ଏବଂ ଗୋଟିଏ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖଣିଜ ବୋଝେଇ ଭାରି ଯାନ ଗୁଡ଼ିକ ପୌରପଳିକା - କଳାପାହାଡ଼ ରାସ୍ତା ଦେଇ ଚଳାଚଳ କରିବେ। ପୁରୁଣା ପୋଲର ସୁରକ୍ଷା ବ୍ୟବସ୍ଥା କଲାପରେ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ କରିବାକୁ ଅନୁମତି ଦିଆଯିବ ବୋଲି ସେ କହିଥିଲେ।

**ବିପୁଳ ପରିମାଣର ମଦ ଜବତ, ୬ ଗିରଫ**

ଧାମନଗର,(ଡି.ଏନ୍.ଏ.): ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଛି। ମଦର ମୂଲ୍ୟ ୭୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି। ଥାନା ଅଧିକାରୀ ସନ୍ଦୀପ ପାଢ଼ୀଙ୍କ ନେତୃତ୍ୱରେ ଏଏସ୍‌ଆଇ ଭବେସ ଦାସ ଓ କର୍ମଚାରୀମାନେ ଚଢ଼ାଉ କରି ମଙ୍ଗଳପୁର ଗ୍ରାମର ରଞ୍ଜନ ମଲିକ, ଅସୁରାଳିର ରାଜେନ୍ଦ୍ର ପାତ୍ର, ରବୀନ୍ଦ୍ର ରାଉତ, ଦିଲୀପ ରାଉତ, ମିଶ୍ରପୁରର ବିରଞ୍ଚି ହାଜରା, ଖରଖାଇର ଅରୁଣ ସାହୁଙ୍କୁ ଗିରଫ କରି ୬ଟି ମାମଲା ରୁଜୁ କରିଛନ୍ତି।

# ରାଷ୍ଟ୍ରପତିଙ୍କ ଅପେକ୍ଷାରେ ଜନ୍ମମାଟି

## ରାଇସିନାରୁ ରାଇରଙ୍ଗପୁର, ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ବାରିପଦା ଅଫିସ,୩।୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ମୟୂରଭଞ୍ଜ ଗସ୍ତକୁ ନେଇ ରାଇସିନାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ପ୍ରଶାସନ ତତ୍ପର ହୋଇପଡ଼ିଛି। ସମଗ୍ର ମୟୂରଭଞ୍ଜବାସୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷାରେ ରହିଛନ୍ତି।

ଗୁରୁବାର ପୂର୍ବାହ୍ନ ୧୦ଟା୪୦ରେ ରାଷ୍ଟ୍ରପତି ଶାଶୁଘର ପାହାଡ଼ପୁରରେ ପହଞ୍ଚି ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆଦିବାସୀଙ୍କ ପୂଜାସ୍ଥଳ ଗୋଷାଣି ଯିବାର କାର୍ଯ୍ୟକ୍ରମ ରହିଛି। ପରେ ନାବାର୍ଡ ଦ୍ୱାରା ନିର୍ମାଣ ହେବାକୁ ଥିବା ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ସ୍କୁଲର ଏକ କମ୍ୟୁନିଟି ସେଣ୍ଟର ଏବଂ ଏଲ୍‌ଆଣ୍ଡଟି କମ୍ପାନୀ ପକ୍ଷରୁ କୌଶଳ ଦକ୍ଷତା କେନ୍ଦ୍ରର ଶିଳାନ୍ୟାସ କରିବେ। ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହିତ ସମୟ ଅତିବାହିତ କରିବେ। ମଧ୍ୟାହ୍ନ ୧୨ଟା୩୦ରେ ହାଟବାଦଡ଼ାସ୍ଥିତ ସାତପଉଟିଆରେ ଥିବା ବ୍ରହ୍ମକୁମାରୀ ସେଣ୍ଟରକୁ ଯାଇ ଏଡିକ୍ସନ ଫ୍ରି ସେଣ୍ଟର(ନିଶାମୁକ୍ତ ଓଡ଼ିଶା) କାର୍ଯ୍ୟକ୍ରମ ପ୍ରଚାରକୁ ଉଦ୍‌ଘାଟନ କରିବେ। ଅପରାହ୍ନ ୧ଟାରେ ବାହାରି ରାଇରଙ୍ଗପୁରସ୍ଥିତ ବଙ୍ଗଳାରେ ପହଞ୍ଚି ମଧ୍ୟାହ୍ନଭୋଜନ କରି ସେଠାରେ ବିଶ୍ରାମ ନେବେ। ଅପରାହ୍ନ ୪ଟାରେ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ୪ଟା ୨୫ରେ ବଡ଼ବନ୍ଧଠାରେ ଶହେ ଫୁଟର ଏକ ଜାତୀୟ ପତାକାକୁ ଉଡାଇବେ। ୪ଟା୩୫ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ୪ଟା ୪୫ରେ ରାଇରଙ୍ଗପୁର ମ୍ୟୁନସିପାଲିଟି ଅଫିସକୁ ପରିଦର୍ଶନରେ ଯିବାସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ୫ଟାରେ ରାଇରଙ୍ଗପୁର ଷ୍ଟାଡିୟମରେ ପହଞ୍ଚି ମ୍ୟୁନସିପାଲିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ୬ଟା୧୫ରେ ମହୁଲଡିହା ବଙ୍ଗଳା ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ପହଞ୍ଚିବା ପରେ ୬ଟା୩୦ରୁ ୭ଟା୩୦ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବେ। ସେଠାରେ ରାତ୍ରିଭୋଜନ କରିବା ସହ ସେହି ବଙ୍ଗଳାରେ ବିଶ୍ରାମ ନେବେ ।

୫ତାରିଖ ସକାଳ ୭ଟା୫୫ରେ ରାଇରଙ୍ଗପୁର ବାସଭବନରେ ପହଞ୍ଚିବା ପରେ ୮ଟା ୪୦ରେ ଦାଣ୍ଡବୋଷ ହେଲିପ୍ୟାଡକୁ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସେଠାରୁ ୯ଟା୧୫ରେ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟାରେ ଯଶିପୁର ହେଲିପ୍ୟାଡରେ ଅବତରଣ କରିବେ। ପରେ ସ୍ୱତନ୍ତ୍ର ଗାଡ଼ିରେ ସଡ଼କ ପଥରେ ଶିମିଳିପାଳ ବୁଲିବା ସହ ଭୋଜନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୨ଟା୩୦ରେ ବାହାରି ୪ଟା୩୦ରେ ଯଶିପୁର ହେଲିପ୍ୟାଡରେ ପହଞ୍ଚିବା ପରେ ବାରିପଦା ଅଭିମୁଖେ ଯାତ୍ରା କରିବେ। ୫ଟା ୨୫ରେ ବାରିପଦା ହେଲିପ୍ୟାଡରେ ପହଞ୍ଚି ଗେଷ୍ଟ ହାଉସରେ ରହିବେ। ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବେ। ସେଠାରେ ରାତ୍ରିଯାପନ କରିବେ। ୬ତାରିଖ ସକାଳ ୯ଟା୪୦ରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପହଞ୍ଚି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ୧୦ଟା ୧୫ରୁ ୧୧ଟା ପର୍ଯ୍ୟନ୍ତ ପିଭିଟିଜିଏସ ପରେ ୧୧ଟା୧୫ରୁ ୧୨ଟା୧୫ ପର୍ଯ୍ୟନ୍ତ ୧୨ତମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେବେ।

## ୨୦ବର୍ଷ ପରେ ବିଶ୍ୱବିଦ୍ୟାଳୟ ଆସିବେ

**ବାରିପଦା ଅଫିସ,୩।୫**

୨୦ବର୍ଷ ପରେ ଆସନ୍ତା ୬ ତାରିଖ ପୂର୍ବାହ୍ନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାକୁ ଥିବାରୁ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ୨୦୦୩ ମେ ୧୫ରେ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ବାରିପଦା ତକତପୁରସ୍ଥିତ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ହୋଇ ଏବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ହୋଇଛି। ଏହି ସମାବର୍ତ୍ତନ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୮ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ କୁଳପତି ସନ୍ତୋଷ ତ୍ରିପାଠୀ ରାଜ୍ୟପାଳଙ୍କ ନିକଟକୁ ସୁପାରିଶ ପତ୍ର ପଠାଇଛନ୍ତି। ସେହିପରି ପିଏଚ୍‌ଡି ଡକ୍ଟରେଟ ଲାଭ କରିଥିବା ୪୫ଜଣ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ମିଶାଇ ୯୦ଜଣ ଓ ଗୋଲ୍ଡ ମେଡାଲ ପ୍ରାପ୍ତ ୨୧ଜଣ ଛାତ୍ରୀ ଓ ୧୩ଜଣ ଛାତ୍ରଙ୍କୁ ମିଶାଇ ୩୪ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ମିଳିଛି। ସେହିପରି ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପାରନ୍ତି ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ଶେଖ୍



@କାଜଲ



@ଶୁଭଶ୍ରୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଭିତ୍ତିଭୂମି ତଦାରଖ କଲେ ବିଧାୟକ

### ଜିଲାସ୍ତରୀୟ ୫-ଟି ବିଦ୍ୟାଳୟ ରୂପାନ୍ତରଣ

ପଦ୍ମପୁର,୩।୫(ଡି.ଏନ.ଏ.)- ବାସୁଦେବପୁର ବ୍ଲକ ଅଧୀନ ମନ୍ଦାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ୫-ଟି ରୂପାନ୍ତରୀକରଣ ବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମନ୍ଦାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ଲକରେ ୨୨ଟି ବିଦ୍ୟାଳୟ ୫-ଟିକୁ ରୂପାନ୍ତରିତ ହେଉଥିବା ସ୍ଥଳେ ଜିଲାର ମୋଟ ୧୨୪ଟି ବିଦ୍ୟାଳୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ବିଧାୟକଙ୍କ ସହ ବିଡିଓ ସତ୍ୟଜିତ ରାଉତ, ପ୍ରତିନିଧି ଅସିତ କୁମାର ଦାସ, ଛାତ୍ରନେତା କାଳନ୍ଦୀ ସାହୁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଚିନ୍ମୟ କୁମାର ବାରିକ, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ଗୋରୁ ବୋଝେଇ ଭ୍ୟାନ, ୪ ମୃତ

ଖଇରା, ୩।୫(ଡି.ଏନ.ଏ.)-ସୋର-କୁପାରୀ ରାସ୍ତାର ବାଙ୍କିତିରା ଛକଠାରେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୪ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଟି ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ୮ଟି ଗୋରୁ ବୋଝେଇ କରି ଗାଡି ମୁସ୍ତଫାବାଦରୁ ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତା ଦେଇ ପଶ୍ଚିମବଙ୍ଗ ଯାଉଥିବା ବେଳେ ଓଲଟି ପଡିଥିଲା । ଖଇରା ପୋଲିସ ମାମଲା(ନଂ.୧୫୪/୨୩) ରୁଜୁ କରି ଡ୍ରାଇଭର ବିଦ୍ୟାଧର ମହାକୁଡଙ୍କୁ ଗିରଫ କରିଛି।

## ଅଢ଼ୁଁଆ-ଚୁଡ଼ାମଣି ଘାଟରେ ହେବ ମାଛଧରା ଜେଟି

### ଖର୍ଚ୍ଚ ହେବ ୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ବାସୁଦେବପୁର,୩।୫(ଡି.ଏନ.ଏ.)**

ବାସୁଦେବପୁର ମଧ୍ୟ ଦେଇ ପ୍ରବାହିତ ଗମେଇ ନଦୀର ଅଢ଼ୁଁଆ- ଚୁଡ଼ାମଣି ଘାଟଠାରେ ଏକ ଅତ୍ୟାଧୁନିକ ମାଛଧରା ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥିର ହୋଇଛି। ଏନେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବୁଧବାର କ୍ଷେତ୍ର ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀ, ମତ୍ସ୍ୟଜୀବୀ ସଂଘ ଓ ସ୍ଥାନୀୟ ଲୋକଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏହି ବିସ୍ତୃତ ନଦୀ ସଂଲଗ୍ନ ଜାଗାରେ ପ୍ରାୟ ୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହେବାକୁ ଥିବା ବେଳେ ବୋଟ୍, ଲଞ୍ଚ, ଭୁଟୁଭୁଟି, ଯନ୍ତ୍ରଚାଳିତ ଡଙ୍ଗା ରହିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବ। ମତ୍ସ୍ୟ



ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ବିକ୍ରୟ କେନ୍ଦ୍ର ସମେତ ମତ୍ସ୍ୟଜୀବୀଙ୍କ ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯିବ ବୋଲି ବିଧାୟକ ମତ ରଖିଛନ୍ତି। ୧୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଓ ମତ୍ସ୍ୟଜୀବୀ ସଂଘ ଉପକୃତ ହେବେ। ଏହି ନଦୀ ସମୁଦ୍ରକୁ ଭେଦ କରିଥିବାରୁ ଏନେଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି ବୋଲି ସେ କହିଥିଲେ। ତହସିଲଦାର ସୌଭାଗ୍ୟ ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ, ବ୍ଲକ ସାମୁଦ୍ରିକ ସମ୍ପ୍ରସାରଣ ଅଧିକାରୀ ତଥା ସହକାରୀ ମତ୍ସ୍ୟ ଅଧିକାରୀ ଶୁଭମ ରଣବାଡ଼ିଆ, ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀରାଣୀ ମାରାଣ୍ଡି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସଙ୍କ ସମେତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରାକାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

**ତିହିଡ଼ି,୩।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଦୀପା ଜେନା ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମୃତା ମହିଳାଙ୍କ ଭାଇ ସଞ୍ଜୟ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୪/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ବିଦ୍ୟାଧର ଜେନାଙ୍କ ଝିଅ ଦୀପା ୭ବର୍ଷ ପୂର୍ବେ ଗୋପୀନାଥପୁର ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ କମଳାକାନ୍ତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ଦୀପାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ତେବେ ଗତ ୧ତାରିଖରେ ଦୀପା ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ଦୀପାଙ୍କ ଶାଶୁଘର ଲୋକେ ତାଙ୍କ ବାପଘରକୁ ପରଦିନ ଜଣାଇଥିଲେ। ବାପଘର ଲୋକେ ଦୀପାଙ୍କ ଶାଶୁଘରେ ପହଁଚିବା ପରେ ଦୀପାଙ୍କୁ ମାରି ଦିଆଯାଇଥିବା ଜାଣିବାକୁ ପାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ କୁନି ଡିଜାଇନର

**ବାସୁଦେବପୁର,୩।୫(ଡି.ଏନ.ଏ.)**

ବାସୁଦେବପୁର ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୯ମ ଶ୍ରେଣୀ ଛାତ୍ର ବିନମ୍ର କୁମାର ଶତପଥୀ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଛାତ୍ର ବିନମ୍ର ଜଣେ କୃତୀ ଛାତ୍ର ସହ ଜଣେ ଶିଶୁ କଳାକାର, ଶିଶୁ କବି ଭାବେ ପୌରପାଳିକା, ବ୍ଲକ, ଜିଲା ସମେତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଏତଦ୍‌ଭିନ୍ନ ନିଜର ସୃଜନଶୀଳତା ପ୍ରତିଭାରେ ୧୦୦ଟି ଗ୍ରାଫିକ୍ସ ଡିଜାଇନ କରି ୧୩ ବର୍ଷ ବୟସରେ ସର୍ବଭାରତୀୟସ୍ତରୀୟ ପ୍ରତିଯୋଗିତାରେ କୁନି ଡିଜାଇନର ଭାବେ ସ୍ୱୀକୃତି ଲାଭ କରିବା ସହ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବିନମ୍ର ହେଉଛନ୍ତି ବାଇଚଢ଼େଇର ସମ୍ପାଦକ ତଥା ସଂଗ୍ରାହକ ବାସୁଦେବପୁରର ବିକାଶ କୁମାର ଶତପଥୀ ଓ ବନିତା ନନ୍ଦଙ୍କ ପୁଅ।





କୃତୀ ଛାତ୍ର ବିନମ୍ର।

## ଔଷଧୀୟ ଉଦ୍ୟାନର ପୁନରୁଦ୍ଧାର ଦାବି

### ଡିଏଫ୍‌ଓଙ୍କୁ ଭେଟିଲେ କାଉନ୍‌ସିଲର

**କେନ୍ଦୁଝର,୩।୫(ଡି.ଏନ୍.ଏ.)**

କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠଠାରେ ଥିବା ଔଷଧୀୟ ବୃକ୍ଷ ଉଦ୍ୟାନ ବା ମେଡିସିନ ପ୍ଲାଣ୍ଟେସନର ପୁନରୁଦ୍ଧାର ପାଇଁ ଦାବି ହୋଇଛି। ଏନେଇ କେନ୍ଦୁଝରଗଡ଼ ପୌରପାଳିକାର ୧ନଂ. ୱାର୍ଡର କାଉନ୍‌ସିଲର ଶରତ ସାହୁ, ୮ନଂ. ୱାର୍ଡର କାଉନ୍‌ସିଲର ଦୟାନିଧି ପାତ୍ର ମଙ୍ଗଳବାର କେନ୍ଦୁଝର ସଦର ମହକୁମାଠାରେ ଥିବା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଡିଏଫ୍‌ଓ ଏଚ୍‌ଡି ଧନରାଜଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ନବେ ଦଶକରେ କେନ୍ଦୁଝରର ପ୍ରସିଦ୍ଧ ଶକ୍ତିପୀଠ ସିଦ୍ଧମଠରେ ବନବିଭାଗ ତରଫରୁ ଏହି ମେଡିସିନ ପ୍ଲାଣ୍ଟେସନ ପ୍ରତିଷ୍ଠା ହୋଇଥିଲା। ଏଠାରେ ପ୍ରାୟ ଏକଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବୃକ୍ଷ ରହିଥିଲା, ମାତ୍ର କାଳକ୍ରମେ ଏହା ବିଲୁପ୍ତ ଅବସ୍ଥାକୁ ଆସିଯାଇଥିବା ସହ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହା ଧ୍ୱଂସାଭିମୁଖୀ ହୋଇଛି। ଏହାକୁ ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇ ଆସୁଥିବାବେଳେ ଦୁଇ କାଉନ୍‌ସିଲର ଦାବିପତ୍ର ଦେବା ପରେ ଡିଏଫ୍‌ଓ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଦୋଷୀଙ୍କୁ ୨୦ବର୍ଷ ସଶ୍ରମ ଜେଲଦଣ୍ଡ

### ନାବାଳିକା ଅପହରଣ, ଯୌନ ନିର୍ଯାତନା ମାମଲା

**ବାଲେଶ୍ୱର ଅଫିସ, ୩।୫**

ଏକ ନାବାଳିକା ଅପହରଣ ଓ ଯୌନ ନିର୍ଯାତନା ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ବୁଧବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ଜେଲ୍‌ଦଣ୍ଡ ସହ ୪ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବସ୍ତା ବ୍ଲକ ଅଧୀନ ସହଦେବଖୁଣ୍ଟା ଥାନା ଅଞ୍ଚଳର ଜଣେ ଛାତ୍ରୀ ବାହାବଳପୁରସ୍ଥିତ ଏକ କଲେଜରେ ଯୁକ୍ତ ୨ କଳା ବିଭାଗରେ ପଢୁଥିଲେ। ଗତ ୨୦୨୨ ମେ' ୨୩ ତାରିଖରେ ସେ ବାଲେଶ୍ୱର ଫକୀରମୋହନ କଲେଜକୁ ପରୀକ୍ଷା ଦେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ନ ପାଇବାରୁ ସହଦେବଖୁଣ୍ଟା ଥାନାରେ ନାବାଳିକାଙ୍କ ବାପା ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଛାନୁଆ ଗ୍ରାମର ଆକାଶ ମଲ୍ଲିକ (୨୧) ଉକ୍ତ ନାବାଳିକାଙ୍କୁ କମେଣ୍ଟ କରିବା ସହ ମୋବାଇଲରେ ନାନା ଅଶ୍ଳୀଳ ଧମକ ଓ ବିବାହ ନ କଲେ ଏସିଡ୍ ମାଡ଼ କରିବାର ଧମକ ଦେଇଥିବା ନାବାଳିକାଙ୍କ ବାପା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। ଏହି ଘଟଣାରେ ୧୧ଜଣ ସାକ୍ଷ୍ୟ ଓ ୨୧ ଦସ୍ତାବିଜ୍‌ର ଶୁଣାଣି କରି ଜଜ୍ ଅଭିଯୁକ୍ତ ଆକାଶଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ଆଧ୍ୟାତ୍ମିକ ପୁସ୍ତକ 'ଜୟ' ଉନ୍ମୋଚିତ

**କୋଡ଼ପଡ଼ା,୩।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ମହିମା ପୀଠ ଅତାସାହି ପାଟଣାଠାରେ ମଙ୍ଗଳବାର କବି, ଶିକ୍ଷକ ବିଜୟାନନ୍ଦ ସାହୁଙ୍କ ଆଧ୍ୟାତ୍ମିକ ପୁସ୍ତକ 'ଜୟ' ଉନ୍ମୋଚିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସାଧୁ ସମ୍ମିଳନୀରେ ଅଲେଖ ସାଧୁ ଅନ୍ତର୍ଯ୍ୟାମୀ ପୁସ୍ତକକୁ ଲୋକାର୍ପଣ କରି ତା'ର ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରତ୍ନାକର ଦାସ ଯୋଗଦେଇଥିଲେ। ଗାୟକ ନରୋତ୍ତମ ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବରେ ଓଡ଼ିଶାର ବହୁ ଅଲେଖ ଧର୍ମାବଲମ୍ବୀ ସାଧୁମାନେ ଉପସ୍ଥିତ ରହି ତିନିଦିନିଆ ସାଧୁ ସମ୍ମିଳନୀ ଓ ଅଖଣ୍ଡ ଧ୍ୱନୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ମିରିପୁର ଖଇରା-ଅଲିପୁର ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

- ୭୫ ବର୍ଷ ଅପେକ୍ଷାର ଅନ୍ତ
- ୨ ପଞ୍ଚାୟତବାସୀଙ୍କ ସ୍ୱପ୍ନ ପୂରଣ ହେଲା

**ଖଇରା, ୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ଓ ସାରଡାଙ୍ଗ ୨ ପଞ୍ଚାୟତ ସମେତ ଖଇରା ଓ ସିମୁଳିଆ ୨ ବ୍ଲକକୁ ସଂଯୋଗ କରୁଥିବା ମିରିପୁର ଖଇରା-ଅଲିପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଶହ ଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୨କୋଟି ୯୩ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ରାସ୍ତା ନିର୍ମାଣରେ ସ୍ଥାନୀୟ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ରାସ୍ତା ବ୍ୟବହାର କରି ସାରଡାଙ୍ଗ ପଞ୍ଚାୟତର ସାରଡାଙ୍ଗ, ଅଲିପୁର, ଦାମୋଦରପୁର, ଭୁଆଁଳଗଡିଆ, ମିର୍ଜାପୁର, ଛେଳିମୁଣ୍ଡିଆ ଓ ଆମ୍ବଗଡିଆ ଆଦି ଗ୍ରାମର ଲୋକେ ମିରିପୁର ଖଇରାରୁ କୁରୁଣ୍ଟା ଦେଇ ଗୋଟିଏପଟେ ଗଣ୍ଡିବେଡ ଓ ଅନ୍ୟପଟେ ସିମୁଳିଆ ଯାତାୟାତ କରିଥାନ୍ତି । ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ବେଳେ ସେମାନଙ୍କୁ ବର୍ଷାଦିନେ ପାଣି କାଦୁଅରେ ହୀନସ୍ତା ହେବାକୁ ପଡୁଥିଲା। ସ୍ୱାଧିନତା ପରଠାରୁ ୭୫ବର୍ଷ ଧରି ଏହି ଆରଡି ଅଧୀନରେ ଥିବା ଏହି ରାସ୍ତା ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଶେଷରେ ବିଧାୟକଙ୍କ ପ୍ରଚେଷ୍ଟାରେ ଏହି ରାସ୍ତା ନିର୍ମାଣ ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୁବନେତା ଧିରେନ କୁମାର ସେଣ୍ଠ, ସୁଶାନ୍ତ କୁମାର ବେହେରା, କୁଶାସନ କର, ସୁଦାମ ଚରଣ କୁଣ୍ଡୁ, ଜିଲା ପରିଷଦ ସଭ୍ୟ ସୁଷମା ମହାପାତ୍ର, ୱାର୍ଡସଭ୍ୟ ସୌରଭ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସର ଶିଳାନ୍ୟାସ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ, ବ୍ଲକ ବିଜେଡି ମହିଳା ସଭାପତି ଜୟନ୍ତୀ ମହଲା, ଅଶୋକ ଦାସମହାପାତ୍ର, ରମାକାନ୍ତ ମହାନ୍ତି, ଏମ୍‌ବିକେ ନିରୁପମା ନାୟକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ନରେଶ ସିଂ ଓ ଜ୍ୟୋତି ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଅଲିପୁର ଗ୍ରାମ ନିକଟରେ ମିରିପୁର ଖଇରା-ଅଲିପୁର ରାସ୍ତାର ଭୂମିପୂଜା କରାଯାଉଛି।

## କେନ୍ଦୁଝରରେ ହେବ ଓଷ୍ଟା ରାଜ୍ୟ ସମ୍ମିଳନୀ

**କେନ୍ଦୁଝର,୩।୫(ସ୍ୱ.ପ୍ର./ଡି.ଏନ୍.ଏ)**

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟାର ରାଜ୍ୟ ସମ୍ମିଳନୀ କେନ୍ଦୁଝରରେ ଅନୁଷ୍ଠିତ ହେବ। ଆସନ୍ତା ୨୬ରୁ ତିନି ଦିନ ଧରି ହେବାକୁ ଥିବା ସମ୍ମିଳନୀ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଓଷ୍ଟାର ସଭାପତି ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ସୁପରିଚାଳନା ପାଇଁ କୋର କମିଟି ଓ ଜିଲା ଓଷ୍ଟାର କାର୍ଯ୍ୟକାରିଣୀ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଷ୍ଟାର ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ର, ସମ୍ପାଦକ ରବିନ୍ଦ୍ର ପଣ୍ଡା, ଶରତଚନ୍ଦ୍ର ମିଶ୍ର, ଚିନ୍ତାମଣୀ ଜେନା, ପ୍ରସନ୍ନ ରଥ, ସ୍ୱପ୍ନେଶ୍ୱର ସାହୁ, କ୍ଷୀରୋଦ ରାଉତ, ଶାନ୍ତନୁ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଭିକାରୀ ଚରଣ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ସାମ୍ବିଧାନିକ ସମ୍ମିଳନୀକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ନିଜର ମତାମତ ଦେଇଥିଲେ। ସଦସ୍ୟଙ୍କ ମତାମତକୁ ଭିତ୍ତି କରି ଉକ୍ତ ସମ୍ମିଳନୀ ପରିଚାଳନା କରିବାକୁ ସହମତି ହୋଇଥିଲା।

